ମୋର ଅନୁଭୂତି

# ଷ୍ଟଣ୍ଟ୍ ଦେବାକୁ ଯାଇ ଯାଉଁତୁ ପଡ଼ିଥିଲି

ଅଳପ୍ ବଏସୁ ଓଡ଼ିଆ ଚଳଚିତ୍ର ଜଗତ୍‌ରେ ନିଜର ଗୁଟେ ଖାସ୍ ପରିଚଏ ସୁରୁଖ୍‌ଟି କରବାରେ ସଫଳ ହେଇଛନ୍ ଷ୍ଟାଇଲିଷ୍ଟ, ଚୁଲ୍‌ବୁଲି ନାୟିକା ଭୂମିକା ଦାଶ। ଓଡ଼ିଆ ଚଳଚିତ୍ର 'ଋମ୍‌କୁ ଝୁମାନା'ରେ ତାଁକର ଅଭିନଏ ଯେ ବି ଦେଖିଛେ ତାହାକୁ ପରଶଁସା ନାଇଁକରି କରି ରହି ନାଇଁପାରି। ଇଟା ତାହାକୁ ଏତେକର ମାଇଲେଜ୍ ଦେଇଥିଲା ଯେ, ନବମ ଶ୍ରେଣୀରେ ପଢ଼ଲା ସମିଆରେ 'ତୁ ମୋ ଲଭ୍ ଷ୍ଟୋରୀ' ଫିଲ୍ମର ନାୟିକା ହିସାବେ ସେ ପରଦାକେ ଆସିଥିଲେ। ୩ ବଛର ବଏସୁ ସେ ଓଡ଼ିଶୀ ନାଚ୍ ଶିଖିବାର ମୂଳ୍ କରିଥିଲେ। ଇତାର ପରେ ବହୁତ୍‌ଟେ ଷ୍ଟେଜ୍‌ରେ ସେ ଓଡ଼ିଶୀ ଆର୍ ମଡର୍ନ ଡ୍ୟାନ୍ସ ପରିବେଷନ୍ କରି ନିଜର ପର୍‌ତିଭାର ପରିଚଏ ଦେଇଥିଲେ। ପିଲାଦିନର ଗୁଟେ ଘଟନା ବାବ୍‌ଦେ ସେ ଆମର ଆଘେ ବଖାନିଛନ୍।

ମତେ ସେତେବେଳେ ୫/୬ ବଛର ହେଇଥାଏ। ଆମେ ବରମୁଣ୍ଡା ହାଉସିଂ ବୋର୍ଡରେ ଗୁଟେ ଭଡ଼ା ଘରେ ରହୁଥିଲୁଁ। ଫୁରସତ୍ ସମିଆରେ ନାଚ୍‌ବାର ସଂଗେ ଟିଭି ଦେଖିବାକେ ମତେ ଭଲ୍ ଲାଗ୍‌ସି। ଟିଭିରେ ଦେଖାଯାଉଥିବାର ଫିଲ୍ମ ଆର୍ ସିରିଏଲ୍‌ମାନ୍‌କେ ବହୁତ୍ ସମିଆରେ ଷ୍ଟଣ୍ଟ୍ ସିନ୍ ଦେଖାସି। ହିରୋ, ହିରୋଇନ୍‌ମାନେ କେନ୍‌ଥେଇ ଛାତୁ ଡେଗ୍‌ସନ୍, ବାଇକ୍, ସାଇକେଲ୍ ଧରି ପାଉଚ ଚଢ଼ବାର ଉତିରବାର ଲେଖେଁ ଷ୍ଟଣ୍ଟ୍ କର୍‌ସନ ସେ ସବୁ ଦେଖୁଥିଲି। ସେ ସବୁ ଦେଖି ମତେ ବି ଷ୍ଟଣ୍ଟ୍ କରବାର ଇଛା ହେଉଥାଏ, ହେଲେ ମତେ ସୁଯୋଗ୍ ନାଇଁ ମିଲୁଥାଇ। ମୋର ଗୁଟେ ତିନ୍ ଚକିଆ ଛୋଟ୍ ସାଇକେଲ୍ ଥାଏ। ତାହାକେ ଧରି ମୁଇଁ ଘରସାରା ବୁଲୁଥାଏଁ। ଦିନେ ମୁଇଁ ସାଇକେଲ୍ ଧରି ପାଉଚ ଉପରକେ ଚଢ଼ିଗଲି। ଭାବିଥିଲି ଫିଲ୍ମ ଲେଖେଁ ମୁଇଁ ବି ସାଇକେଲ୍‌ରେ ବସି ଆରାମରେ ପାଉଚ ଉତ୍‌ରି ପଡ୍‌ମି। ହେଲେ ମୁଇଁ ଯେନ୍‌ତା ପାଉଚ୍‌କେ ସାଇକେଲ ଧରି ଆସିଛେଁ, ଗର୍‌ଗଡି ଆସି ରଜ୍‌ରାଜ୍ ହେଇ ତଲେ ପଡ଼ଲି। ମୋର୍ ରଡ୍‌ବାର ଶୁନି ମା' ପାସ୍‌କେ ନରଦି ଆଏଲେ। ମୋର୍ ଗୋଡ୍‌ହାତ ଖଁଡିଆ ହେଇଯାଇଥାଏ। ମା' ମତେ ତଲୁ ଉଠେଇ ମେଡିକାଲ୍‌କେ ନେଇ ଚିକିସ୍ସା କରେଇଥିଲେ। ସେଦିନ୍‌ଠାନୁ ମୋର ଷ୍ଟଣ୍ଟ୍ ଦେବାର ନିଶା ଉତ୍‌ରିଗଲା।

- ରିପୋର୍ଟ: ବନ୍ଦନା ସେଠୀ

**ଅଭିନେତ୍ରି:** ଭୂମିକା ଦାଶ

**ଜନମ୍:** ଜାନୁୟାରୀ ୨୨, ୨୦୦୩

**ଏହେଦ୍‌କାର ଠିକ୍‌ନା:** ଭୁବନେଶ୍ୱର

**ସଫଳତା:** ଋମ୍‌କୁ ଝୁମାନା, ଗପ ହେଲେ ବି ସତ, ହିରୋ ନଂ. ୱାନ୍, ନାୟକର ନାଁ ଦେବଦାସ ଲେଖେଁ ୭ଟା ଫିଲ୍ମରେ ଅଭିନଏ। ରିଲିଜ୍ ହେବାକେ ଥିବାର ଫିଲ୍ମ 'ଶ୍ରୀମାନ୍ ସୁର୍ ଦାସ'।



ଫଟୋ: ବିକାଶ ନାୟକ

ନିଜ କଥା

# ସେ ମହିଳାଙ୍କର କଥା ସବୁବେଳେ ହେଜ୍‌ସିଁ



୧୯୮୮-୮୯ ସାଲର ଘଟ୍‌ନା। ପିଜି ଏଣ୍ଟ୍ରାନ୍ସ ପରୀକ୍ଷା ଦେବାକେ ସମ୍ବଲପୁର ବୁର୍ଲା ମେଡିକାଲ କଲେଜକେ ଯାଇଥାଏଁ। ସେଠାନୁ ଫିରଲା ବେଳେ ରାତିର ୩ ବାଜି ଥାଏ। ଢେଙ୍କାନାଳ ବସ୍‌ଷ୍ଟାଣ୍ଡରୁ ମହିସାପାଟ ୪ କି.ମି. ବାଟ୍। ରାସ୍‌ତା ପୂରାପୂରି ଶୂନ୍‌ଶାନ୍। ବସ୍‌ଷ୍ଟାଣ୍ଡରୁ ଚାଲିଚାଲି ଘର୍‌କେ ଫିରୁଥାଏଁ। ଇ ସମିଆରେ ମୋର ସଂଗେ କେହି ଝନେ ମହିଲା ଧଲା ଶାଢ଼ି ପିଁଧି ତାଲ୍ ଦେଇ ଚାଲୁଥିବାର ମୁଇଁ ଅନୁଭବ୍ କଲି। ବହୁତ୍ ଥର ରାସ୍‌ତାରେ ଅଟ୍‌କି ଲେଁହେଟି ଦେଖିଲି, ହେଲେ ସେ ମହିଲା ଝନ୍‌କ ବାରବାର ଉଭେଇ ଯାଉଥାଆନ୍। ସେ ଘର୍ ତକ୍ ଚାଲିଚାଲି ଯାଇଥିଲେ। ମୁଇଁ ଘରେ ପୁହୁଁଚିଲି, ହେଲେ ଜାନି ନାଇଁପାରଲି ସେ ମହିଲା ଝନ୍‌କ କିଏ ଥିଲେ। ଇ କଥାଟା କହିଛନ୍ ଏସ୍‌ସିବି ମେଡିକାଲର ମେଡିସିନ ବିଭାଗ ସହଯୋଗୀ ପ୍ରଫେସର ଡାକ୍‌ତର ଶ୍ରୀପ୍ରସାଦ ମହାନ୍ତି। ଆଠଗଡ଼ ବେଣ୍ଟପଦା ଅଂଚଲର ରୁଦ୍ର ପ୍ରସାଦ ଆର୍ ମଞ୍ଜୁଶ୍ରୀ ମହାନ୍ତିଙ୍କର ବଡ଼ଖା ପୁଓ ଶ୍ରୀପ୍ରସାଦ ୧୯୬୫ ଅକ୍ଟୋବର ୩୧ରେ ଜନମ୍ ହେଇଥିଲେ। ଏମ୍‌କେସିଜିରେ ଏମ୍‌ବିବିଏସ୍ ଆର୍ ମେଡିସିନରେ ପିଜି ଶେଷ୍ କଲା ଉତାରୁ ଏହେଦେ ସେ ଝନେ ନାଁକରା ଚିକିସ୍‌କ ହେଇପାରିଛନ୍। ଡା.ମହାନ୍ତିଙ୍କର ନିଜିଜୀବନ୍ ବାବ୍‌ଦେ ତାହାକୁ ପଚରାଯାଇଥିବାର କେତେ ପ୍ରଶ୍ନ।

**ପହେଲା ଦରମା କାଣା କରିଥିଲେ?**

ଦରମା ତ ନୁହେ, ୧୯୮୮ରେ ମୁଇଁ ହାଉସ୍‌ମ୍ୟାନଶିପ୍ ପାଇଥିଲି। ଷ୍ଟାଇପେଣ୍ଡ ଆକାରେ ମୋତେ ୮୦୦ ଟଁକା ମିଲିଥିଲା। ଇ ଟଁକାରେ ମୁଇଁ ମୋର୍ ମା' ଆର୍ ଦୁଇ ସାନ୍ ବହେନ୍‌କର ଲାଗି ଶାଢ଼ି ଘିନିକରି ନେଇଥିଲି।

**କେନ୍ ରଂଗ୍ ଭଲ୍ ଲାଗ୍‌ସି?**

ଆକାଶୀ ରଂଗ୍ ମୋର୍ ପିଲାବେଲୁ ପସନ୍। ମୋର ବଡ଼ଭାଗି ପିଁଧନ୍‌ଉଢ଼ନ୍ ଆକାଶୀ ରଂଗର।

**ସିନେମା ଦେଖ୍‌ସନ୍ କାଏଁ?**

ବହୁତ କମ୍ ସିନେମା ଦେଖସିଁ। ଶେଷ୍ ଥର ଲାଗି କେନ୍ ସିନେମା ଦେଖିଥିଲି ମୋର ଶୋର ନାଇଁ ପଡ଼ବାର।

**ଗୀତ୍ ଶୁନ୍‌ସନ୍ କାଏଁ?**

ଗୀତ୍ ଶୁନ୍‌ବାକେ ବହୁତ୍ ଭଲ୍ ପାଏସିଁ। ବଡ଼ଭାଗି ଜଗଜିତ୍ ସିଂ ଆର୍ ଚିତ୍ରା ସିଂଙ୍କର ଗଜଲ୍ ଶୁନ୍‌ବାକେ ମତେ ବହୁତ୍ ଭଲ୍ ଲାଗ୍‌ସି।

**ରଁଧାବଢ଼ା ଜାନ୍‌ସନ୍ କାଏଁ?**

କାମ୍‌ଚଲା ହିସାବେ ଭାତ୍, ଡାଲ୍‌ମା କରିଦେମି। ହେଲେ ସେଟାକେ ମୋର୍ ଛଡା ଆର୍ କେହି ଖାଇ ନାଇଁପାରନ୍।

**ବହି ପଢ଼ବାକେ ପସନ୍ କରସନ୍ କାଏଁ?**

ହଁ, ବହୁତ ଆଗ୍‌ରହ ଅଛେ। ରବି ପଟ୍ଟନାୟକଙ୍କର 'ବନ୍ଧ୍ୟା ଗାନ୍ଧାରୀ' ଗପ ବହି ଶେଷ୍ କରି ଏହେଦେ ଅଖିଳ ପଟ୍ଟନାୟକଙ୍କର 'ଡିମିରି ଫୁଲ' ଗପ ବହି ପଢୁଛେଁ। ତାର ବାହାରେ ମୁଇଁ ନିଜେ ବି ଲେଖାଲେଖି କର୍‌ସିଁ। ଇ ଭିତ୍‌ରେ 'ଥୁଣ୍ଟା ଗଛର ଛାଇ', 'ହଜି ଯାଉଥିବା ଝିଅମାନେ' ଆର୍ 'ନିର୍ବାଣର ଆରପାଖେ' ଆଦି ମୋର ଲେଖିଲା ବହି ପର୍‌କାଶିତ ହେଇସାରିଛେ।

**ମାର୍କେଟିଂ କରସନ୍ କାଏଁ?**

ହଁ, ମାର୍କେଟିଂ ମୁଇଁ ନିଜେ କର୍‌ସିଁ। ଇତାର ବାହାରେ ମାଏକିନାର ସଂଗେ ମିଶି ବଗିଚା କରବାକେ ବି ବହୁତ୍ ଭଲ୍ ଲାଗ୍‌ସି।

**ଲଭ ନା ଆରେଞ୍ଜ ମ୍ୟାରେଜ?**

ପୂରାପୂରି ଆରେଞ୍ଜ ମ୍ୟାରେଜ। ବାପାଙ୍କର ପସନ୍‌ରେ ମୁଇଁ ୧୯୯୬ରେ ବିନ୍ଦୁଙ୍କୁ ବିହା ହେଇଥିଲି।

**ମାଏକିନାର କେନ୍ ଗୁନ୍ ଆପନ୍‌କୁ ଭଲ୍ ଲାଗ୍‌ସି?**

ସେ ପୂରା ହୋମ ମିନିଷ୍ଟର। ମୁଇଁ ବୈଦେଶିକ ବିଭାଗ୍ ଦାଇତିଅରେ। ମୋତେ ଘରର କେହେନ୍‌ସି କଥା ବୁଝିବାକେ ନାଇଁ ପଡେ। ସେ ସବୁ ଠିକ୍ ଢ଼ଂଗେ ତୁଲେଇ ନେସନ୍। ଇତାର ବାହାରେ ସେ ଝନେ ସହନଶୀଲ୍ ମହିଲା।

**ଜୀବନରେ ଏନ୍‌ତା କିଛି ମନେ ରଖିଲା ଘଟ୍‌ନା?**

ସେଦିନ ରାତିରେ ମୋର୍ ସଂଗେ ଚାଲି ଚାଲି ଆସୁଥିବାର ମହିଲା ଝନ୍‌କ ବାବ୍‌ଦେ ମୁଇଁ ଆଏଜ୍‌ତକ୍ କିଛି ସୋର ନାଇଁପାଇ ପାରି। ନିହାତି ଭାବେ ସେ କଥାକେ ସବୁବେଳେ ହେଜ୍‌ସିଁ ଆର୍ ହେଜୁଥିମି।

-ସାକ୍ଷାତ୍: ନିର୍ମଳ ପଣ୍ଡା

ଧରିତ୍ରୀ ଆଲାପ

# ବିନା ରାଜନୀତିରେ ଭଲ୍ କାମ୍ କରବାକେ ଚାହୁଁଛେଁ

ଓଡ଼ିଆ ସିନେ ଜଗତ୍‌ର ଝନେ ଆଗ୍‌ଧାଡିର ଅଭିନେତା ହେଉଛନ୍ ସବ୍ୟସାଚୀ ମିଶ୍ର। ୨୦୦୨ରୁ ୨୦୦୭ ତକ୍ ୨୦୦ରୁ ଅଧିକା ଆଲବମ୍‌ରେ ଅଭିନଏ କରି ଦର୍‌ଶକଙ୍କର ମନ୍ ଜିତିଥିଲେ। ୨୦୦୭ରେ ସେ 'ପାଗଳପ୍ରେମୀ' ଫିଲ୍ମ ଜରିଆରେ ଓଡ଼ିଆ ଚଲଚିତ୍‌ର ଜଗତ୍‌ରେ ପାଦ୍ ଦେଇଥିଲେ। ଗୁଟେ ପରେ ଗୁଟେ ହିଟ୍ ଚଲଚିତ୍‌ରରେ ଅଭିନଏ କରି ଫିଲ୍ମ ଇଣ୍ଡଷ୍ଟ୍ରିରେ ନିଜର ଗୁଟେ ଖାସ୍ ଜାଗା ବନେଇପାରିଛନ୍। 'ତୋ ବିନା ଭଲ ଲାଗେନା', 'ତୋର ମୋର ଯୋଡ଼ି ସୁନ୍ଦର', 'ବାଏ ବାଏ ଦୁବାଇ', '୪ ଇଡିୟଟ୍' ଲେଖେଁ ୩୦ରୁ ଅଧିକା ସୁପରହିଟ୍ ଚଲଚିତ୍‌ରରେ ଅଭିନଏ କରିଛନ୍। ୨୦୦୭ ଆର୍ ୨୦୧୨ରେ ସେ ଚଲଚିତ୍‌ର ପୁରସ୍କାର ପାଇଛନ୍। ଓଡ଼ିଆ ଫିଲ୍ମ ସମେତ ତେଲୁଗୁ, ତାମିଲ ଆର୍ ବଙ୍ଗଳା ଫିଲ୍ମରେ ବି କାମ୍ କରିଛନ୍। ଇଥର 'ଧରିତ୍ରୀ ଆଲାପ' କଲମ୍‌ରେ ଇ ନାଁକରା ଅଭିନେତାଙ୍କର ସଂଗେ ହେଇଥିବାର ଖାସ୍ କଥାବାର୍‌ତା ଠାନ୍ ପାଇଛେ।



**ବିଟେକ୍ କରିଥିଲେ। ଚଲଚିତ୍‌ର ଜଗତ୍‌ରେ କ୍ୟାରିୟର କରବାକେ କାହିଁଯେ ମନ୍ ବଲାଲେ?**
ଛୋଟବେଲୁ ଇ ଲାଇନ୍‌ରେ କ୍ୟାରିୟର କରବାର ମୋର ଗୁଟେ ସପନ୍ ଥିଲା। ସେଥିରଲାଗି ଚାକ୍‌ରି କରବାକେ ପସନ୍ ନାଇଁକଲି।

**ଘରୁ କେନ୍‌ଥେଇ ସପୋର୍ଟ ମିଲିଥିଲା ?**
ବାପା ଝନେ ଆଇଏଏସ୍ ଅଫିସର ହିସାବେ ତାକର ସବୁବେଲେ ଇଚ୍ଛାଥିଲା ଯେ ମୁଇଁ ଭଲ୍ ଚାକ୍‌ରି କର୍‌ସିଁ। ମୁଇଁ ଫିଲ୍ମ ଲାଇନ୍‌ରେ କାମ୍ କର୍‌ସିଁ ଇଟା ତାକର ବିଲ୍‌କୁଲ ଇଚ୍ଛା ନାଇଁଥାଇ। ହେଲେ ମା'ରନୁ ମତେ ସବୁ ପର୍‌କାର ସପୋର୍ଟ ମିଲିଥିଲା। ହେଲେ ବାପା ମୋର ଲାଗି ଗୁଟେ ରୁଲ୍ ରଖିଥିଲେ। ଯଦି ୮୦ ପର୍‌ତିଶତରୁ କ୍ୟାରିୟର କମ୍ ରହେବା ତ କିଛି ନାଇଁ କରିପାରେଁ। ସେଥିରଲାଗି ମୋର ସବୁବେଲେ ୮୦ ପର୍‌ତିଶତକେ ଟାର୍ଗେଟ ଥାଏ। 'ପାଗଳ ପ୍ରେମୀ' ଫିଲ୍ମର ପ୍ରିମିୟର ଶୋ ଆର୍ ଦେଖନହାରିକର ରେସ୍‌ପନ୍ସ ଦେଖିଲା ଉତାରୁ ବାପାଙ୍କର ମନ୍‌ରେ ପରିବର୍‌ତନ୍ ଆସିଥିବାର ଅନୁଭବ୍ କରିଥିଲି।

**ବହୁତ୍‌ଟେ ସୁପରହିଟ୍ ଫିଲ୍ମ କରିଛନ୍। କେନ୍ ଫିଲ୍ମ ଲାଗି ନିଜକେ ଆତ୍‌ମସନ୍‌ତୋଷ ମିଲିଛେ?**
ଯେତେବେଲେ କେହେନ୍‌ସି ଫିଲ୍ମ ଲାଗି ପୁରସ୍କାର ମିଲ୍‌ସି କି ଦେଖନହାରିକର ଭଲପାଏବାର ମିଲ୍‌ସି ସେଟା ଅଧିକା ଖୁସି ଦେସି। ହେଲେ ସତ୍ କହେବାକେ ଗଲେ ମୁଇଁ ସବୁ ଫିଲ୍ମରେ ଆତ୍‌ମସନ୍‌ତୋଷ ପାଇଛେଁ। କାରନ୍ ସବୁ ଫିଲ୍ମରେ ମୁଇଁ ମୋର ଚରିତ୍‌ରକେ ନିଖୁନ୍ ଭାବେ କର୍‌ବାର ଚେଷ୍‌ଟା କରିଛେଁ।

**ପହେଲା ତେଲୁଗୁ ଫିଲ୍ମ 'ନିରାଜନମ'ର ସୁଯୋଗ୍ କେନ୍‌ଥେଇ ପାଇଥିଲେ?**
ଯେତେବେଲେ ଆଇପିଏଲ୍‌ର ଡେକାନ ଚର୍ଜର୍ସର ମୁଇଁ ବ୍ରାଣ୍ଡ ଆମ୍ବାସାଡର ଥିଲି ସେତେବେଲେ ମୁଇଁ ବହୁତ୍ ଥର ହାଇଦ୍ରାବାଦ ଯାଇଥିଲି। ସେମାନେ ମୋର 'ପାଗଳ ପ୍ରେମୀ' ଫିଲ୍ମର ଟ୍ରେଲର ଦେଖିଥିଲେ। ଯେହେତୁ ସେ ଫିଲ୍ମଟା ଗୁଟେ ତେଲୁଗୁ ଫିଲ୍ମର ରିମେକ୍ ଥିଲା, ସେଥିରଲାଗି ସେମାନେ ବହୁତ୍ ଖୁସି ହେଇଥିଲେ ଆର୍ ତେଲୁଗୁ ଫିଲ୍ମର ହିରୋ ଆଲ୍ଲୁ ଅର୍ଜୁନଙ୍କର ସଂଗେ ମୋର ତୁଲ୍‌ନା କରିଥିଲେ। ସେଟା ନ ମୋତେ ସପୋର୍ଟ ଦେଇଥିଲା। ସେନୁ ମୋତେ ବହୁତ୍ ଅଫର ଆସିଥିଲା। ସେ ଭିତ୍‌ରୁ ମୁଇଁ ଇ ଚଲଚିତ୍‌ରକେ ବାଛିଥିଲି। ରିଲିଜ ହେଲା ଉତାରୁ ସଫଳତା ବି ମିଲିଥିଲା। ତା'ପରେ ମୋତେ ଆହୁରି ଫିଲ୍ମର ଅଫର ଆସିଥିଲା।

**ଅପ୍‌କମିଙ୍ଗ ଫିଲ୍ମ କେନ୍‌ଟା ଅଛେ?**
ଓଡ଼ିଆରେ 'ଯେତେ ଗୋରୀ ସେତେ ଷ୍ଟୋରୀ' ଫିଲ୍ମର ସେନ୍‌ସର କାମ୍ ଚାଲିଛେ, ସେଟା ବହୁତ୍ ଜଲ୍‌ଦି ରିଲିଜ ହେବା। ଆଉର ଗୁଟେ ବଡ଼ ବ୍ୟାନର୍‌ର ଫିଲ୍ମ ଲାଗି କାମ୍ ଚାଲିଛେ, ସେଟା ଆଏବା ଜାନୁୟାରୀରେ ରିଲିଜ୍ ହେବା। ହେଲେ ତାର ନାଁ ବଛା ନୁହେଁଏ। ଇତାର ବାହାରେ ତେଲୁଗୁରେ 'ଆଦି ଓ୍ୱକା ଇବିଲେ' ଆର୍ 'ସୀତା ରାମୁଲା କଲ୍ୟାଣମ୍' ଫିଲ୍ମ ଆଏବା। ତାମିଲରେ 'ନାଧିରଧିନା' ଫିଲ୍ମର ଶୁଟିଂ ସରିଛେ, ବହୁତ୍ ଜଲ୍‌ଦି ରିଲିଜ ହେବା। ବଙ୍ଗଳା ଫିଲ୍ମ 'ରକ୍ତମୁଖୀ ନିଲା'ର ଶୁଟିଂ ଚାଲିଛେ, ଇଟା ପଶ୍ଚିମବଙ୍ଗ ଆର୍ ବାଂଲାଦେଶରେ ରିଲିଜ୍ ହେବା।

**ପୁର୍‌ନା ଚଲଚିତ୍‌ରକେ ପରିବାର ସଂଗେ ବସି ଦେଖିହେସି ବଲି ଦର୍‌ଶକ୍‌ଙ୍କର ଚିନ୍‌ତାଧାରା ରହିଛେ। ହେଲେ ଏହେଦ୍‌କାର ଚଲଚିତ୍‌ରରେ ସେଟା ଦେଖିବାକେ ନାଇଁ ମିଲ୍‌ବାର। ଝନେ ଅଭିନେତା ହିସାବେ ଇ ବାବ୍‌ଦେ କାଣା କହେବେ?**
ହଁ, ଇଟା ସତ୍ କଥା। ମୁଇଁ ବି ବହୁତ୍ ଥର ଇଟାକେ ଅନୁଭବ୍ କରିଛେଁ। କାରନ୍ ଓଡ଼ିଶାରେ ଆମେ ସଭେ ଗୁଟେ ଗୁଟେ ରକ୍ଷଣଶୀଲ୍ ପରିବାରରୁ ଆସିଛୁଁ। ସମକର ସଂଗେ ବସି ସବୁ ଜିନିସ ନାଇଁ ଦେଖି ହୁଏ, ଯେନ୍‌ଟା ଆମର ସଂସ୍କୃତିରେ ନାଁଇ। ଇତାକେ ମୁଇଁ ମୋର ସବୁ ଫିଲ୍ମରେ ବେଞ୍ଚ ମାର୍କ ହିସାବେ ରଖିବାକେ ଚେଷ୍‌ଟା କର୍‌ସିଁ। ବହୁତ୍ ଥର ନିର୍‌ଦେଶକ ଆର୍ ପର୍‌ଯୋଜକଙ୍କର ସଂଗେ ଯୁକ୍ତିତର୍କ ହେଇଛେ ଯେ, ଏନ୍‌ତା ଦୁରୁଶ୍ ଫିଲ୍ମରେ ନାଇଁ ରଖୁଁ କାରନ୍ ଦେଖନହାରି ଇଟାକେ ପସନ୍ ନାଇଁ କରନ୍। ଏନ୍‌ତା ଯୁକ୍ତିତର୍କରେ ସବୁବେଲେ ମୁଇଁ ଜିତିଛେଁ।

**ବହୁତ୍ ନୂଆଁ ଲୋକ୍ ଆସୁଛନ୍। ହେଲେ ଗୁଟେ କି ଜୁଡେ ଫିଲ୍ମ କରି ରହିଯାଉଛନ୍। ଇଟା କାଏଁଥିର ଲାଗି ହେଉଛେ ବଲି ଭାବୁଛନ୍?**
ଆଏଜ୍‌କାଲି ନବାଗତମାନେ ବହୁତ୍ ଗ୍ରୁମ୍ ହେଇ ଆସୁଛନ୍। ସେମାନକର ପାସେ ସବୁ ପରକାର ଟ୍ୟାଲେଣ୍ଟ ଅଛେ। ହେଲେ ଦେଖନ୍‌ହାରି କେତେବେଲେ କାହାକେ ପସନ୍ କରବେ ତାର କିଛି ଠିକ୍‌ଠିକାନା ନାଇଁଥାଏ।

**ଯେନ୍‌ମାନେ ଇ ଲାଇନ୍‌କେ ଆଏବାକେ ଚାହୁଁଛନ୍ ସେମାନେ ନିଜ୍‌କେ କେନ୍‌ଥେଇ ତିଆର କରି ଆଏବାର କଥା?**
ପ୍ରଫେଶନାଲିଜିମ୍ ଆର୍ କମିଟ୍‌ମେଣ୍ଟ ଲେଖେଁ ଚିନ୍‌ତାଧାରା ରଖିବାର ସଂଗେ ନିର୍‌ମଳ ଭାବ୍ ନେଇ ଆଏବାର କଥା।

**ଏହେଦ୍‌କା ଓଡ଼ିଆ ଫିଲ୍ମର ଥିତି କେନ୍‌ତା ଅଛେ। କେନ୍‌ଟା ବଦ୍‌ଲିବାର କଥା ବଲି ଭାବୁଛନ୍ କାଏଁ?**
ଯେତ୍‌କି ଖୁସି ଲାଗୁଛେ ସେତ୍‌କି ଚିନ୍‌ତା ବି ଲାଗୁଛେ। ଖୁସି ଇଥିରଲାଗି ଲାଗୁଛେ ଯେ, ଆଗ୍‌ରୁ ଓଡ଼ିଆ ଫିଲ୍ମ ଉପ୍‌ରେ ଯୁବପିଢ଼ିଙ୍କର ଚାହିଦା ନାଇଁଥାଇ। ହେଲେ ଏହେଦ୍‌କାର ସମିଆରେ ସବୁ ବର୍‌ଗର ଦର୍‌ଶକ ଦେଖୁଛନ୍। ବଡ଼ଭାରି ଯୁବପିଢ଼ି ଓଡ଼ିଆ ଫିଲ୍ମ ଲାଗି ବେଶି କ୍ରେଜି ଅଛନ୍। ଦୁଖର କଥା ହେଉଛେ ଭୌଗୋଳିକ୍ ଦୁରୁଷ୍‌ଟିରୁ ଆମର ରାଏଜ୍ ବଡ଼ ହେଇଥିଲେ ବି ଇଠାନେ ସିନେମା ହଲ୍‌ର ସଂଖ୍ୟା ବହୁତ୍ କମ୍ ଅଛେ। ଓଡ଼ିଶାର ବହୁତ୍ ଜାଗାରେ ସିନେମା ଦେଖିବାର ଲାଗି ଲୋକ୍ ପାଖାପାଖି ୪୦ କି.ମି. ଯାଉଛନ୍। ଇଟା ଚଲଚିତ୍‌ର ଜଗତ୍ ଲଗି ଗୁଟେ ବଡ଼ କ୍ଷତି। ଯଦି ସିନେମା ହଲ୍ ସଂଖ୍ୟା ବଢ଼ତା ତ ତେଲୁଗୁ, ମରାଠୀ ହେଉ କି ହିନ୍ଦୀ ଫିଲ୍ମ ଲେଖେଁ ୧୦୦ କୋଟି ରେସ୍‌ରେ ଆମର ଓଡ଼ିଆ ଫିଲ୍ମ ବି ସାମିଲ ହେଇପାରତା। ସେଥିରଲାଗି ରାଏଜ୍ ସରକାରଙ୍କର ତରଫୁ ବ୍ଲକ୍ ସ୍ତରରେ ବି ସିନେମା ହଲ୍ ତିଆର କରାଯିବାର କଥା।

**ରାଜନୀତିକେ କେନ୍ ହିସାବେ ଦେଖିସନ୍?**
ଖାଲି ଭୋଟ୍ ଦେବାର ଲାଗି ଝନେ ସକ୍ଷମ ନାଗରିକ୍ ହିସାବେ ଦେଖିସିଁ।

**ବହୁତ୍‌ଟେ କଳାକାର ସଫଳତା ପାଏଲା ଉତାରୁ ରାଜନୀତିକେ ଯାଉଛନ୍। ଆପନ୍ ସେନ୍‌ତା କିଛି ଭାବିଛନ୍ କାଏଁ?**
ନାଁଇଁ। ଭଲ୍ କାମ୍ କରବାକେ ହେଲେ ରାଜନୀତି ଖାଲି ଗୁଟେ ରାସ୍‌ତା ନୁହେ। ବିନା ରାଜନୀତିରେ ମୁଇଁ ଭଲ୍ କାମ୍ କରବାକେ ଚାହୁଁଛେଁ। ମୁଇଁ ଅନୁଭବ କରିଛେଁ ଯେ, ଦେଖନହାରି ତାକର ପସନ୍‌ର ଅଭିନେତା ରାଜନୀତିରେ ଯୋଗ୍‌ଦେଲେ ଭଲ୍ ନାଇଁପାଆନ୍। ସେଥିରଲାଗି ମୁଇଁ ମୋର୍ ଦେଖନ୍‌ହାରିକୁ ଝଟ୍‌କା ଦେବାକେ ନାଇଁ ଚାହେଁ।

**ସମାଜରେ କାଣା ପରିବର୍‌ତନ ହେବାର ଦରକାର ଅଛେ ବଲି ଭାବୁଛନ୍?**
ଛୋଟ୍ ପିଲା, ମହିଲା ଆର୍ ବୁଢ଼ୀବୁଢ଼ାକର ସୁରକ୍ଷା ଉପ୍‌ରେ ଲୁକ୍‌ର ଚିନ୍‌ତାଧାରା ବଦିଲ୍‌ବାର ଦରକାର ଅଛେ। ଘରେ ଘରେ ପଲିଥିନ୍ ବଂଦ୍ କରବାର ସଂଗେ ପରିବେଶକେ କେନ୍‌ଥେଇ ସଫାସୁତର ରଖିବେ ସେ ଉପ୍‌ରେ ଜନସାଧାରନ୍ ଚିନ୍‌ତା କରବାର ଦରକାର।

**ମା' ଝନେ ସୁଲେଖିକା। ତାଁକର ସେ ଗୁନ୍‌କେ କେଭେ ଆପ୍‌ନେଇଛନ୍ କାଏଁ?**
ଛୋଟବେଲୁ ବହୁତ୍ କବିତା ଆର୍ ଗପ ଲେଖିଛେଁ। ଧରିତ୍ରୀର 'ପିଲାଙ୍କ ଧରିତ୍ରୀ'ରେ ବହୁତ୍ ଥର ମୋର କବିତା ବାହାରିଛେ। ଥରେ ମୁଇଁ ଇ କବିତା ଲାଗି 'ମାଟିର ମଣିଷ' ପୁରସ୍କାର ପାଇଥିଲି। ହେଲେ ଏହେଦ୍‌କା ଲେଖିବାର ଲାଗି ସମିଆ ନାଇଁ ମିଲବାର।

ସାକ୍ଷାତ୍
ଅସମାପିକା ସାହୁ

ଫଟୋ: ବିକାଶ ନାୟକ